## ସଂକ୍ଷେପରେ

### ଓଡ଼ିଆ ପକ୍ଷ ପାଳନର ଶୁଭାରମ୍ଭ

କାଶୀନଗର, ୧।୪ (ପି .ମୁରଲୀ)

ଓଡିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଓ ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶରେ କାଶୀନଗରରେ ଓଡ଼ିଆ ପକ୍ଷ ପାଳନର ଶୁଭାରମ୍ଭ ହୋଇଛି। ବୁଧବାର ଓଡିଶା ଦିବସ ପାଳନର ପ୍ରଥମ କାର୍ଯ୍ୟକ୍ରମ ଅବସରରେ ବିଜୁ ପଟ୍ଟନାୟକ ଖେଳ ଭବନ ନିକଟରେ ଥିବା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଏମ ସୁଧାରାଣୀ, କାଉନସିଲର କେ. ରାମା ରାଓ, ଭି.ଚଲପତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଓଡିଶା ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ହୋଇଥିଲା । ବିଡିଓ ଡମ୍ବରୁଧର ମଲ୍ଲିକ ଏଥିରେ ସଭାପତିତ୍ୱ କରି ଓଡ଼ିଆ ପକ୍ଷ ପାଳନ ପାଇଁ ସ୍ୱତଃସ୍ଫୂର୍ତ୍ତ ଆଗ୍ରହ ପ୍ରକାଶ ପାଇବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ରାଜ୍ୟ ସଭାପତି କବି ପ୍ରଶାନ୍ତ ମିଶ୍ର ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ନାଗରିକ ହୃଷୀକେଶ ଗୌଡ଼, ଆନନ୍ଦ ପାତ୍ର ବକ୍ତବ୍ୟ ରଖିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ ।

### ନୀଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ କଲା ବିଜେଡି

ଫୁଲବାଣୀ,୧।୪(ରାକେଶ କୁମାର ରାଉତ)

ଭାଜପା ଏମ୍‌ପି ନୀଶିକାନ୍ତ ଦୁବେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟକୁ କନ୍ଧମାଳ ବିଜେଡି ନିନ୍ଦା କରାଯିବା ସହ ନୀଶିକାନ୍ତଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବୁଧବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଆଗରେ ଏକତ୍ରିତ ହୋଇ ଦଳୀୟ ନେତା ଓ କର୍ମୀମାନେ ନୀଶିକାନ୍ତଙ୍କ ଏଭଳି ମନ୍ତବ୍ୟ ଓଡ଼ିଆ ଅସ୍ମିତା ଉପରେ କୁଠାରାଘାତ ବୋଲି କହିବା ସହିତ ତାଙ୍କର ଗିରଫ ଦାବି କରିଛନ୍ତି। ଜିଲା ସଭାପତି ପଦ୍ମନାଭ ବେହେରା କହିଛନ୍ତି, ଏଭଳି ଭ୍ରମାତ୍ମକ ଏବଂ ସଙ୍ଗୀନ କଥା କହିବା ପରେ କେବଳ ଶୋସିଆଲ ମିଡିଆ ଜରିଆରେ କ୍ଷମା ପ୍ରାର୍ଥନା ଯଥେଷ୍ଟ ନୁହେଁ। ନୀଶିକାନ୍ତ ପାର୍ଲିଆମେଣ୍ଟରେ ଏଥିପାଇଁ କ୍ଷମା ମାଗିବା ଦରକାର। ପୂର୍ବତନ ଜିଲା ସଭାପତି ସରୋଜ କର୍ଣ୍ଣ ନୀଶିକାନ୍ତଙ୍କୁ ଏମ୍‌ପି ପଦରୁ ବହିଷ୍କାର ପାଇଁ ଦାବି ରଖିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରତାପ ପାତ୍ର, ଶିବ ପ୍ରସାଦ ତ୍ରିପାଠୀ, ଅବିଦା ମହାନ୍ତି, ଜଳନ୍ଧର ବେହେରା ପ୍ରମୁଖ ସାମିଲ ଥିଲେ।

### ଅଷ୍ଟମଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ରମ୍ଭା,୧।୪(ବନବାସୀ ସେଠୀ)

ରମ୍ଭା ନିକଟସ୍ଥ ସାନରାମଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ପଣସଢ଼ିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ମନ୍ମଥ ମୋହନ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପଣସଢ଼ିଆ ଗ୍ରାମଟି ପାହାଡ଼ ପର୍ବତ ଜଙ୍ଗଲ ଘେରରେ ଥିଲେ ମଧ୍ୟ ଏଠିକାର ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଏବଂ ଗୁରୁ ଭକ୍ତି ଯୋଗୁ ପ୍ରତ୍ୟେକ ଛାତ୍ରୀଛାତ୍ର ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସହକାରୀ ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ଭାଗ୍ୟବତୀ ବେହେରା ଓ ସ୍କୁଲ କର୍ମଚାରୀ ସହଯୋଗ କରିଥିଲେ।

## ଜିଲାର ସଂସ୍କୃତି ପରମ୍ପରା ପାଳନରେ ବିଭାଗର ଖାମଖିଆଲି ମନୋଭାବ

# ଓଡ଼ିଶାର ବରପୁତ୍ରଙ୍କୁ ଅଣଦେଖା

ପାରଳାଖେମୁଣ୍ଡି,୧।୪(ଗିରିଧାରୀ ପରିଚ୍ଛା)

ଓଡ଼ିଶା ଦିବସରେ ଓଡ଼ିଶାର ନିର୍ମାତାଙ୍କ ମାଟିରେ ଅପମାନ ଓ ଅବହେଳା ପରିଲକ୍ଷିତ ହୋଇଛି। ଓଡ଼ିଶା ଦିବସ ପାଳନରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ବରିଷ୍ଠ ବ୍ୟକ୍ତିମାନଙ୍କୁ ସାମିଲ ନକରିବା, ସଭା ମଞ୍ଚର ସମ୍ମୁଖରେ ବରପୁତ୍ରମାନଙ୍କ ଫଟୋ ରଖି ବସିବା, ପାଇକ ଆଖଡା ନୃତ୍ୟରେ ବୀର ବାଦ୍ୟଯନ୍ତ୍ର ନ ବାଜିବା ଆଦି ବ୍ୟତିକ୍ରମ ଦେଖିବାକୁ ମିଳିଛି ଓଡିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାରଙ୍କ ଭୂମିରେ। ନାମକୁ କାମଚଳା କାର୍ଯ୍ୟକ୍ରମ କରି ଜିଲା ପ୍ରଶାସନର ସଂସ୍କୃତି ବିଭାଗ ଦାୟିତ୍ୱ ସାରି ଦେଇଛି। ମହାରାଜାଙ୍କ ନିଜସ୍ୱ ପ୍ରତିଷ୍ଠାନ, ସ୍ଥାନୀୟ ଉତ୍କଳ ହିତୈଷିଣି ସମାଜ ଓ ଅନ୍ୟାନ୍ୟ ଅନୁଷ୍ଠାନ, ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ମଧ୍ୟ ଅଣ ଦେଖା କରାଯାଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମରେ ସାମିଲ ହେଉଥିବା ପାଇକ ଆଖଡ଼ା ଭଳି ସାଂସ୍କୃତିକ ଦଳ ସେମାନଙ୍କ କଳା ପ୍ରଦର୍ଶନ ପାଇଁ ବୀର ବାଦ୍ୟଯନ୍ତ୍ରର ମଧ୍ୟ ବ୍ୟବସ୍ଥା କରିପାରିନି ବିଭାଗ। ଯାହା କଳାକାରଙ୍କୁ ଅସମ୍ମାନ ବୋଲି ଆଲୋଚନା ହେଉଛି । ଯେଉଁ ବୀରବାଦ୍ୟର ତାଳେ ତାଳେ ଖଣ୍ଡା ବୁଲାଇବା ତାହା ଚଳିତ ବର୍ଷ ପରିଲକ୍ଷିତ ହେଲାନାହିଁ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏହାର ପ୍ରତିବାଦ କରାଯିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହେବେ ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ସେହିପରି ଆରସେଟି ସମ୍ମେଳନ କକ୍ଷଠାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମର ମଞ୍ଚ ଉପରେ ଅତିଥିମାନଙ୍କ ଚେୟାର ଟେବୁଲ ଆଗରେ ବରପୁତ୍ରମାନଙ୍କ ଫଟୋ ଚିତ୍ରଗୁଡିକୁ ରଖାଯାଇଥିଲା। ଯଦି ଅତିଥିମାନେ ମଞ୍ଚାସୀନ ହୋଇ ବସନ୍ତି ତେବେ ସେମାନଙ୍କ ପାଦ ଆଗରେ ବରପୁତ୍ରମାନେ ରହିବେ। ବରପୁତ୍ରମାନଙ୍କ ପ୍ରତି ଏପରି ବ୍ୟବହାର ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

ଅନ୍ୟ ପକ୍ଷରେ ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ସ୍ୱତନ୍ତ୍ର ଉତ୍କଳର ନିର୍ମାତାଙ୍କ ମାଟିରେ ଜିଲା ସଂସ୍କୃତି ଅଧିକାରୀ ବାରମ୍ବାର ଓଡିଆ ଅସ୍ମିତାକୁ ଅପମାନ କରିବା ସହ ସଂସ୍କୃତିକୁ ନଷ୍ଟ କରୁଛନ୍ତି। ସରକାର ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଦିନେ କି ଦୁଇଦିନ ନୁହଁ ଦୀର୍ଘ ବର୍ଷ ଧରି ଏଠାରେ ଅବସ୍ଥାପିତ ହୋଇଥିବା ସଂସ୍କୃତି ଅଧିକାରୀ ଓଡିଆ ପର୍ବ ଓଡ଼ିଶା ଦିବସ ପାଳନ ଲାଗ ବହୁ ପୂର୍ବରୁ ପ୍ରସ୍ତୁତି ହୋଇ ମଧ୍ୟ ସଂସ୍କୃତି ଅଧିକାରୀ ଜାଣି ଶୁଣି ପରମ୍ପରାକୁ ଭଙ୍ଗ କରୁଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଚଳିତ ଜାନୁୟାରୀରୁ ଏଯାଏ ଯେତିକି ସରକାରୀ କାର୍ଯ୍ୟକ୍ରମ ଜିଲାସ୍ତରରେ କିମ୍ବା ଆଞ୍ଚଳିକ ସ୍ତରରେ ହୋଇଛି ସବୁଥିରେ ଓଡିଆ ଅସ୍ମିତା କୁ ଅଣଦେଖା କରିଛନ୍ତି ସଂସ୍କୃତି ଅଧିକାରୀ। ଜିଲାର ମୁଖ୍ୟ ଜିଲାପାଳଙ୍କ ଆନ୍ତରିକତା ଅଭାବ କିମ୍ବା ନିରୀକ୍ଷଣ, ସମୀକ୍ଷା, ପରିଦର୍ଶନ ଆଦି ସେ କରୁ ନ ଥିବାରୁ ଏପରି ତ୍ରୁଟି ହେଉଥିବା ବୁଦ୍ଧିଜୀବୀ ପ୍ରନୋଜ ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଏ ବିଷୟରେ ଡିଆଇପିଆରଓ କହିପାରିବେ, ଏସବୁ କାର୍ଯ୍ୟକ୍ରମ ସେ ଆୟୋଜନ କରନ୍ତି। ଏନେଇ ଡିଆଇପିଆରଓ ପ୍ରଦୀପ୍ତ ଗୁରୁମାଇଁଙ୍କୁ ପଚାରିବାରୁ ସେ କହିଲେ, ଏପରି ଆମେ ପ୍ରତିବର୍ଷ ରଖୁ ବୋଲି କହି ଘଟଣାକୁ ହାଲକା ଭାବେ ନେଇଥିଲେ। ଅନ୍ୟପକ୍ଷରେ ଏନେଇ ଜଣେ ବୁଦ୍ଧିଜୀବୀ କହିଛନ୍ତି, ବରପୁତ୍ରମାନଙ୍କ ଫଟୋକୁ ଯଦି ମଞ୍ଚରେ ରଖଗଲା ତେବେ ମଞ୍ଚରେ ଅତିଥିମାନେ ନ ବସି ତଳେ ବସିଥାନ୍ତେ। ଜଣେ ଅଧିକାରୀ ମଞ୍ଚରେ ରହି କାର୍ଯ୍ୟକ୍ରମ ସଂଯୋଜନା କରି ଅତିଥିଙ୍କୁ ବକ୍ତବ୍ୟ ପାଇଁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ସଭା ଠିକ୍ ରୂପେ ହୋଇଥାନ୍ତା ଏବଂ ବରପୁତ୍ରମାନଙ୍କ ପ୍ରତି ଅସମ୍ମାନ ହୋଇ ନ ଥାନ୍ତା ବୋଲି ସେ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ



ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟାର୍ପଣ କରାଯାଇଛି।

ପାରଳାଖେମୁଣ୍ଡି,୧।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାସ୍ତରୀୟ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ସମୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସ୍ମୃତି ସୌଧରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ସହରରେ ଥିବା ସମସ୍ତ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସହରର ଜନସାଧାରଣଙ୍କ ସହଯୋଗରେ ସ୍ଥାନୀୟ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ପାଇକ ଆଖଡ଼ା କଳା ପ୍ରଦର୍ଶନ ହୋଇଥିଲା। ଏହି ଶୋଭାଯାତ୍ରାରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଉପଜିଲାପାଳ ଅନୁପ ପଣ୍ଡା, ପୌରୀ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ସାମିଲ ଥିଲେ । ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନଠାରେ ଜିଲାର କଳା ସଂସ୍କୃତି, ଐତିହ୍ୟ ଓ ଓଡ଼ିଶାର ମହାପୁରୁଷମାନଙ୍କ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ପରେ ଉକ୍ତ ସ୍ଥାନରେ ଏକ ସାଧାରଣ ସଭା ହୋଇଥିଲା।

## ରାସାୟନିକ ଦୁର୍ଘଟଣା ରୋକିବାରେ 'ଗ୍ରାସିମ୍' ତୁଲାଉଛି ଗୁରୁଦାୟିତ୍ୱ

### ଘାଟିରେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍‌କୁ ନିୟନ୍ତ୍ରଣ କରିଥିଲା

ଗଞ୍ଜାମ,୧।୪(ଅନାଥ ତରାଇ/ବିଦ୍ୟାଧର ସାହୁ)

ପରିବେଶ ସୁରକ୍ଷା ଏବଂ ଜନସାଧାରଣଙ୍କ ନିରାପତ୍ତା ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରି ପୁଣିଥରେ ଚର୍ଚ୍ଚାରେ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍। ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ୧୬ ନମ୍ବର ଜାତୀୟ ରାଜପଥର ଖଲ୍ଲିକୋଟ ଘାଟି ନିକଟରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ଆନ୍ଧ୍ରପ୍ରଦେଶରୁ ଅନୁଗୁଳ ଅଭିମୁଖେ ପ୍ରାୟ ୨୫ ମେଟ୍ରିକ୍ ଟନ୍ ହାଇଡ୍ରୋକ୍ଲୋରିକ୍ ଏସିଡ୍ ନେଇ ଯାଉଥିବା ଏକ ଟ୍ୟାଙ୍କର ଓଲଟି ପଡ଼ିବାରୁ ଏସିଡ୍ ଲିକ୍ ହୋଇ ଚତୁର୍ଦ୍ଦିଗରେ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଥିଲା। ଏସିଡ୍‌ରୁ ବାହାରୁଥିବା ଘନ ଧୂଆଁ ଓ ଦୁର୍ଗନ୍ଧ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ପ୍ରଶାସନ ପକ୍ଷରୁ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳକୁ ବନ୍ଦ କରାଯାଇଥିଲା। ସୂଚନା ପାଇବା ମାତ୍ରେ ଜିଲା ପ୍ରଶାସନ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜର ୟୁନିଟ୍ ହେଡ୍‌ଙ୍କ ସହ ଯୋଗାଯୋଗ କରିଥିଲେ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ୟୁନିଟ୍ ହେଡ୍ ଅଜୟ ଗୁପ୍ତାଙ୍କ ନିର୍ଦ୍ଦେଶରେ ଗ୍ରାସିମର ଫାୟାର୍ ଆଣ୍ଡ ସେଫ୍ଟି ଟିମ୍ ତୁରନ୍ତ ସମସ୍ତ ଆଧୁନିକ ସୁରକ୍ଷା ଉପକରଣ, ଏକ ଅଗ୍ନିଶମ ବାହିନୀ ଗାଡ଼ି ଏବଂ ପ୍ରାୟ ୫ ମେଟ୍ରିକ୍ ଟନ୍ ଚୂନ ଧରି ଘଟଣା ସ୍ଥଳରେ ପହଞ୍ଚିଥିଲେ। ବରିଷ୍ଠ ଅଧିକାରୀ ପ୍ରମୋଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମ୍ ସଦସ୍ୟ ମହେନ୍ଦ୍ର ବିଶ୍ୱାଳ, ଲିପିତ ମହାନ୍ତି ଏବଂ ଅନ୍ୟ



ଏସିଡ୍ ନିଷ୍କ୍ରିୟକରଣ ପ୍ରକ୍ରିୟା କରୁଛନ୍ତି ଟିମ୍ ।

କର୍ମଚାରୀମାନେ ଜୀବନକୁ ବାଜି ଲଗାଇ ଏସିଡ୍ ନିଷ୍କ୍ରିୟକରଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ପ୍ରାୟ ଏକ ଘଣ୍ଟାର ନିରବଚ୍ଛିନ୍ନ ଉଦ୍ୟମ ପରେ ଏସିଡ୍ ଲିକକୁ ସଫଳତାର ସହ ନିୟନ୍ତ୍ରଣ କରାଯାଇଥିଲା। ପରେ ଏକ କ୍ରେନ୍ ସାହାଯ୍ୟରେ ଟ୍ୟାଙ୍କରକୁ ରାସ୍ତାରୁ ହଟାଯାଇ ରାତି ପ୍ରାୟ ସାଢେ ୧୦ଟାରେ ଉକ୍ତ ରାସ୍ତାରେ ଗାଡିମୋଟର ଯାତାୟାତ ସ୍ୱାଭାବିକ କରାଯାଇଥିଲା। ଗ୍ରାସିମର ଅଫସାଇଟ୍ ସୁରକ୍ଷା ଭୂମିକା କେବଳ ଏହି ଘଟଣା ନୁହେଁ, ବରଂ ଗଞ୍ଜାମ ଓ ପଡ଼ୋଶୀ ଜିଲାଗୁଡ଼ିକରେ ଯେତେବେଳେ ବି କୌଣସି ରାସାୟନିକ ଜରୁରୀକାଳୀନ ପରିସ୍ଥିତି ଉପୁଜିଛି, ଗ୍ରାସିମ୍ ସର୍ବଦା ଆଗଧାଡ଼ିରେ ରହିଛି। ୨୦୨୧ରେ ଛତ୍ରପୁର କଲେଜ ଛକ ନିକଟରେ ଏଲପିଜି ଟ୍ୟାଙ୍କର ଲିକ୍, ସେହି ବର୍ଷ ଗଞ୍ଜାମ ଏ-ୱାନ ଢାବା ନିକଟରେ ଆମୋନିଆ ଗ୍ୟାସ୍ ଲିକ୍, ୨୦୨୨ରେ ଗଞ୍ଜାମ କଲେଜ ନିକଟରେ ଏଲପିଜି ଲିକ୍ ଏବଂ ନିକଟରେ ୨୦୨୪ରେ ପୁଇଁତଳାଠାରେ ଆମୋନିଆ ଗ୍ୟାସ୍ ଲିକ୍ ଭଳି ଜଟିଳ ପରିସ୍ଥିତିକୁ ଗ୍ରାସିମ୍ ଟିମ୍ ଦକ୍ଷତାର ସହ ମୁକାବିଲା କରିଛି। ଏହା ବ୍ୟତୀତ ବ୍ରହ୍ମପୁରରେ କ୍ଲୋରିନ୍ ଟନର୍ ଲିକ୍ ଏବଂ ଛତ୍ରପୁରରେ ଏସିଡ୍ ଲିକ୍ ସମୟରେ ମଧ୍ୟ କମ୍ପାନୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। କେବଳ ଶିଳ୍ପାଞ୍ଚଳ ନୁହେଁ ବରଂ ସମାଜର ମଙ୍ଗଳ ଏବଂ ପରିବେଶ ସୁରକ୍ଷା ପାଇଁ ଗ୍ରାସିମର ଏହି 'ଅଫସାଇଟ୍' ସୁରକ୍ଷା କାର୍ଯ୍ୟକଳାପ ଜିଲା ପ୍ରଶାସନ ତଥା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଏକ ଭରସା ସୃଷ୍ଟି କରିପାରିଛି।

### ଅଷ୍ଟଶମ୍ଭୁ ଦଣ୍ଡଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଚକାପାଦ, ୧।୪ (ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତର ଲାଇନପଡ଼ାଠାରେ ଅଷ୍ଟଶମ୍ଭୁ ଦଣ୍ଡଯାତ୍ରା ପାଇଁ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ହାଟପଦା, ବରସାହି, କୁସୁମେଣ୍ଡି, ବ୍ରାହ୍ମଣ ପଦର ଶତାଧିକ ଶ୍ରାଦ୍ଧାଳୁମାନେ ବ୍ୟାଘ୍ର ଦେବୀ ପାହାଡ଼ରୁ ପୂଜା ଅର୍ଚ୍ଚନା କରି ମେଳଣ ପଡିଆରେ ପୁରହିତ କାଳନ୍ଦୀ ଚରଣ ଦାସ ପୂଜା କରିଥିଲେ। ଏଥିସହ ଆଗାମୀ ୬ତାରିଖରେ ହେବାକୁ ଥିବା ଧୂଳିଦଣ୍ଡ, ଚାଉଁରୀ ସେବା, ମେଳଣ ସମୟକୁ କମିଟିର କର୍ମକର୍ତ୍ତା ଉପସ୍ଥିତରେ ଲଗ୍ନ ବାହାର କରିଥିଲେ।

### ପୁରୀକୁ ବସ୍ ସେବା ଶୁଭାରମ୍ଭ

ପାରଳାଖେମୁଣ୍ଡି,୧।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ପାରଳାଖେମୁଣ୍ଡିଠାରୁ ପୁରୀକୁ ବସ୍ ସେବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ ଯୋଗଦେଇ ପତାକା ଦେଖାଇ ଏହି ବସ୍ ସେବାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ବସ୍ ୟୁନିୟନର ସି.ଏଚ.ସିମାଦ୍ରୀ, ଇଞ୍ଜା ଭେଙ୍କଟରାବଣା, ଭାଜପା ନେତା ସିଦ୍ଧେଶ୍ୱର ମିଶ୍ର, ଜଗନ୍ନାଥ ମହାପାତ୍ର ଯୋଗଦେଇ ଦୁର୍ଗମ ଅଞ୍ଚଳରେ ଗମନାଗମନ କ୍ଷେତ୍ରରେ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ପୁରୀକୁ ଏଠାରୁ ବସ୍ ଚଳାଚଳ କରୁଥିଲା। ମାତ୍ର କିଛି କାରଣ ପାଇଁ ଏହା ବନ୍ଦ ହୋଇଯାଇଥିଲା। ବିଧାୟକ ବାରମ୍ବାର ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇବାରୁ ଏବେ ପୁରୀକୁ ପୁଣି ବସ୍ ସେବା ଆରମ୍ଭ ହୋଇଛି। ଏହି ବସ୍ ପାରଳାଖେମୁଣ୍ଡିରୁ ସକାଳ ୭ଟାରେ ବାହାରିବ।

## ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ



ଏସ୍‌ପି ହରିଶ ବିସି ପୁରସ୍କୃତ କରୁଛନ୍ତି।

ଫୁଲବାଣୀ,୧।୪
(ରାକେଶ କୁମାର ରାଉତ)

ଫୁଲବାଣୀ ରିଜର୍ଭ ପୋଲିସ ପଡ଼ିଆରେ ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏସ୍‌ପି ହରିଶ ବିସି ଯୋଗଦେଇ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନକ୍ସଲ ଦମନ, ଗଞ୍ଜେଇ ବିରୋଧୀ ଅଭିଯାନ ଓ ଆଇନଶୃଙ୍ଖଳା ନିୟନ୍ତ୍ରଣରେ କନ୍ଧମାଳ ପୋଲିସର ଉଲେଖନୀୟ ଅବଦାନ ପାଇଁ ପୋଲିସ ବାହିନୀକୁ ଧନ୍ୟବାଦ ଜଣାଇଥିଲେ। ଆଗକୁ ସାଇବର ଅପରାଧ ନିୟନ୍ତ୍ରଣ ଦିଗରେ ମଧ୍ୟ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏ ଅବସରରେ ଉଲେଖନୀୟ ସେବା ପ୍ରଦାନ ପାଇଁ ୫ ଜଣ ଅଧିକାରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଫୁଲବାଣୀ ଟାଉନ ଥାନା ସବ ଇନ୍ସପେକ୍ଟର ସରୋଜ ସାହୁ, ଏଏସଆଇ ଡିଆଇବିର ମହେଶ୍ୱର ମଲ୍ଲିକ, ହାବିଲଦାର ତୁମୁଡିବନ୍ଧ ଥାନାର ଗଜେନ୍ଦ୍ର ବିଷୋୟୀ, କନଷ୍ଟେବଳ ଟିକାବାଲି ଥାନାର ଅନୁପମା ପ୍ରଧାନ ଏବଂ ଡିଭିଏଫର ଆଲୋକ ଉଠାଣ ସିଂଙ୍କୁ ପୁରସ୍କୃତ କରାଯାଇଛି। ନକ୍ସଲ ଅପରେସନରେ ଶହୀଦ ମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ବେଦଭୂଷଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପଜିଲାପାଳ ଭିକାରୀ ସାହୁ, ପିଏ ଆଇଟିଡିଏ ଗଦାଧର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର ବୀରସିଂ ଶବର ପରେଡ ପରିଚାଳନା କରିଥିଲେ।

### ଫାଣ୍ଡି ସାମ୍ନାରେ ଯୁବକଙ୍କୁ ଆକ୍ରମଣ

ପାତ୍ରପୁର,୧।୪(ଉମା ଚରଣ ନେପାକ):

ଜରଡ଼ା ଥାନା ଖାରିଆଗୁଡା ଫାଣ୍ଡି ସାମ୍ନାରେ ବୁଧବାର ଅପରାହ୍ନରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି । ସେ ହେଲେ ବ୍ୟବସାୟୀ ଅମୁଲ୍ୟ ପଣ୍ଡା। ତାଙ୍କ କହିବା ଅନୁଯାୟୀ ଫାଣ୍ଡି ନିକଟରେ ଚୋରା ମଦ ବିକ୍ରି ହେଉଥିବା ନେଇ ପ୍ରତିବାଦ କରିବାରୁ କେତେଜଣ ଯୁବକ ଆକ୍ରମଣ କରିଥିଲେ। ଅମୂଲ୍ୟଙ୍କୁ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟା ସୁଦ୍ଧା ଥାନାରେ ଅଭିଯୋଗ ହୋଇନଥିବା ଜଣା ପଡିଛି।

## ଓଡ଼ିଶା ଦିବସ, ଓଡ଼ିଆ ପକ୍ଷର ଶୁଭାରମ୍ଭ



ଫୁଲବାଣୀ,୧।୪ (ରାକେଶ କୁମାର ରାଉତ)

ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସହିତ ଓଡ଼ିଆ ପକ୍ଷର ଶୁଭାରମ୍ଭ ଫୁଲବାଣୀରେ ବୁଧବାର ଅନୁଷ୍ଠିତ ହୋଇଛି। ସକାଳେ ପ୍ରଶାସନ ପକ୍ଷରୁ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଏକ ସଭାର ଆୟୋଜନ ହୋଇଥିଲା। ଜିଲାପାଳ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ ପରମ୍ପରା ଓ ସ୍ୱାଭିମାନ ଉପରେ ବକ୍ତବ୍ୟ ରଖି ଏହାକୁ ଆଗକୁ ବଢ଼ାଇ ନେବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ ବୋଲି କହିଥିଲେ। ସେହିଭଳି ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ଓଡ଼ିଆ ପକ୍ଷ ସମ୍ପର୍କରେ ସୂଚନା ଦେଇ ଏହାର ଗୁରୁତ୍ୱ ଉପରେ ଜିଲାପାଳ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ହରିଶ ବିସି, ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଡ୍ରୁଡା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣ୍ଡୁଆ, ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦ, ଜିଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶା ଦିବସ ଲୋକଙ୍କ ଉତ୍ସବ

ଦାରିଙ୍ଗବାଡ଼ି,୧।୪ (ଅରୁଣ ସାହୁ)

ଦାରିଙ୍ଗବାଡି ଜାଗୃତି ସଭାଗୃହ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଛି। ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ପ୍ରୀତିରଞ୍ଜନ ରଥ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ତହସିଲଦାର ଧୀରଜ ପାତ୍ର, ଓକିଲ ସଙ୍ଘର ସଭାପତି ଉମେଶ କର, ବରିଷ୍ଠ ନାଗରିକ ସଙ୍ଘର ସଭାପତି ରମେଶ ଚନ୍ଦ୍ର ସାହୁ, ହିମଗିରି କଳା ପରିଷଦର ସମ୍ପାଦକ ପତିତପାବନ ରାଉତ ମଞ୍ଚାସିନ ରହି ଉତ୍କଳ ଦିବସ ପାଳନର ଉଦ୍ଦେଶ୍ୟ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ରହିଥିବା ମହାନ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସସ୍ମିତା ସାମନ୍ତ, ବବଲୀନ ନାୟକ, ବିପିସି ଜଗନ୍ନାଥ ରଥ, ସରକାରୀ ଆଇଟିଆଇର ଶିକ୍ଷକ ଭୂପେନ ପୃସେଠ, ଅନୁଭୂତି ବଳ ପ୍ରମୁଖ ଯୋଗ ଦେଇଥିଲେ।

**ବାଲିଗୁଡା,୧।୪(ସଞ୍ଜୟ କୁମାର ପାଣିଗ୍ରାହୀ):** ବାଲିଗୁଡ଼ାରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବଦ ପାଳନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ପ୍ରଣୀତା ଦାଶ ଯୋଗଦେଇ ଓଡ଼ିଶାର ବରପୁତ୍ର ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧକ୍ଷକ ଶୁଭମ ଭୋସଲେ, ସମ୍ମନୀତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ତହସିଲଦାର ଦୀପ୍ତିପ୍ରକାଶ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ତୁମୁଡିବନ୍ଧ, (ଦୀପକ କୁମାର ପରାସେଠ):** ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ତୁମୁଡିବନ୍ଧ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗଳ ଚରଣ ଲେଙ୍କା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତି ମାଝି, ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ତୁମୁଡିବନ୍ଧ ବ୍ଲକ ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ତୁମୁଡିବନ୍ଧ ବିଡ଼ିଓ ବନବିହାରୀ ହରପାଲ, ତୁମୁଡିବନ୍ଧ ଅତିରିକ୍ତ ତହସିଲଦାର ବୁଲୁମ୍ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜଗତର ନାଥ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲେ। ସମ୍ମାନୀତ ଅତିଥି ବିଡ଼ିଓ ହରପାଲ ୧ ଠାରୁ ୧୪ ତାରିଖ ପଣା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଓଡ଼ିଆ ଦିବସକୁ ବହୁ ଆଡମ୍ବର ସହିତ ପାଳନ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ।

**ରାଇକିଆ, (ପ୍ରଦୀପ ବେହେରା):** ରାଇକିଆ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ସଭାପତି ଯୁର୍ଯ୍ୟୋଧନ ଲୋଙ୍କା ଅଧକ୍ଷତା କରିଥିଲେ। ପ୍ରଥମେ ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଜନନାୟକ ଡ.ହରେକୃଷ୍ଣ ମହତାବ ଏବଂ ଅନ୍ୟ ମହାପୁରୁଷମାନଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଭକ୍ତିପୂତ ପ୍ରଣାମ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ଦିଗାଲ ଏବଂ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ମୋଜେସ ଦିଗାଲ ଓଡ଼ିଶା ପ୍ରଦେଶ ଗଠନ ଓ ଉତ୍କଳ ଦିବସ ପାଳନର ଇତିହାସକୁ ନେଇ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ଜି.ଯୋଗେଶ୍ୱର ପାତ୍ର ସଞ୍ଚାଳନ କରିଥିବାବେଳେ ଉପସଭାପତି ପ୍ରଦୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ। କୋଷାଧକ୍ଷ ବିଭୁଦତ୍ତ ବେହେରା, ପରାମର୍ଶଦାତା ଆଚାର୍ଯ୍ୟ ନଳୀନ କାନ୍ତ ନାୟକ, ଶ୍ରୀବତ୍ସ ନାୟକ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ।

**ଖଜୁରୀପଡ଼ା,(ବିଦୁର ବେହେରା):** ଖଜୁରିପଡ଼ା ବ୍ଲକରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଛି। ଚଳିତ ବର୍ଷ ଅଭିନବ ଭାବରେ ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତି ସର୍ବସାଧାରଣଙ୍କୁ ସାମିଲ କରି ଏହି ଦିବସକୁ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଅନିମା କହଁର, ଜିଲା ପରିଷଦ ସଦସ୍ୟା ଉର୍ବଶୀ ଦିଗାଲ, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ସରପଞ୍ଚ ମନୋରଞ୍ଜନୀ ଯାନୀ, ବରିଷ୍ଠ ନାଗରିକ ସୁଧୀର ପ୍ରଧାନ ଏବଂ ସମିତି ସଭ୍ୟ ଶୁକଦେବ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଧାୟକ ପ୍ରତିନିଧି କହିଛନ୍ତି ଯେ, ବିଡ଼ିଓଙ୍କ ଏହି ପ୍ରୟାସ ଏକ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି, ଯାହା ଆଗାମୀ ବର୍ଷଗୁଡ଼ିକରେ ସାମୂହିକ ଭାବେ ଏହି ପର୍ବ ପାଳନ କରିବାକୁ ପ୍ରେରଣା ଯୋଗାଇବ। ସେହିଭଳି ବରିଷ୍ଠ ନାଗରିକ ପ୍ରଧାନ କହିଥିଲେ ଯେ, ଉତ୍କଳ ଦିବସ ଆଜି ପ୍ରକୃତରେ ସାଧାରଣ ଲୋକଙ୍କ ଉତ୍ସବରେ ପରିଣତ ହୋଇଛି। ବିଡ଼ିଓ ବାହିନୀପତି ନିଜ ବକ୍ତବ୍ୟରେ ଜଣେ ଓଡ଼ିଆ ଭାବେ ଗର୍ବ ଅନୁଭବ କରିବା ସହ ଏହି ଦିବସର ବିଶେଷତ୍ୱ ସର୍ବସାଧାରଣଙ୍କୁ ବୁଝାଇଥିଲେ।

**ଜି. ଉଦୟଗିରି,(ଚିନ୍ମୟ କୁମାର ସେଠୀ):** ସ୍ଥାନୀୟ ବ୍ଲକ ପ୍ରେକ୍ଷାଳୟଠାରେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦିବସ ଓ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ବୁଧବାର ସକାଳେ ସ୍ଥାନୀୟ ସ୍କୁଲ କଲେଜ ଛାତ୍ରୀ ଛାତ୍ର, ମହିଳା ପୁରୁଷ ମାନେ ଆଦିବାସୀ ବେଶଭୁଷା ସହ ଆଞ୍ଚଳିକ କଳା ପରମ୍ପରା ନୃତ୍ୟ ସହ ନଗର ଭ୍ରମଣ ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧିକାରୀ ଅନୁଗୁ ଶିବା ମାରୁତି ରେଣ୍ଡୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ ଏଇ ଅସିତ କୁମାର ସେଠୀ, ଏବିଇଓ ନିବେଦିତା ପ୍ରଧାନ, ହବାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜିତ ପାଟମାଝି ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଓଡିଶା ଦିବସ ପାଳନ ସମ୍ବନ୍ଧରେ ବୁଝାଇଥିଲେ।

